# REGIONAL NEWS UNIT, AIR CUTTACK
## Evening Bulletin (6.45 PM)
### 01st December – 2025
********************************

## ମୁଖ୍ୟ ସମ୍ବାଦ

- ବିଧାନସଭାରେ ଆଗତ ହେଲା ଓଡ଼ିଶା ଜନବିଶ୍ୱାସ ବିଲ୍-୨୦୨୫ ।
- ରାଜ୍ୟରେ ମୋଟ୍ ୭୦୬ଟି ପୁଲିସ୍ ଥାନା ମଞ୍ଜୁର କରାଯାଇଥିବା ଗୃହରେ ସୂଚନା ଦେଲେ ମୁଖ୍ୟମନ୍ତ୍ରୀ ।
- କେନ୍ଦ୍ର ସରକାର ହୀରାକୁଦ ଓ ସାତକୋଶିଆର ବିକାଶପାଇଁ ୧୩୧ କୋଟି ୯୨ ଲକ୍ଷ ଟଙ୍କା ପ୍ରଦାନ କରିଥିବା ଲୋକସଭାରେ କହିଲେ ବିଭାଗୀୟ ମନ୍ତ୍ରୀ ।

ଏବଂ

- କୋଣାର୍କରେ ଆଜିଠାରୁ ଆରମ୍ଭ ହେଲା ୩୬ତମ କୋଣାର୍କ ମହୋତ୍ସବ ଓ ପଞ୍ଚଦଶ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ।

***Assembly Review***

## ବିଧାନସଭା - ବିଲ୍

ସପ୍ତଦଶ ବିଧାନସଭାର ଆଜି ଚତୁର୍ଥ ଦିବସରେ ଓଡ଼ିଶା ଜନବିଶ୍ୱାସ ବିଲ୍-୨୦୨୫କୁ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗୃହରେ ଆଗତ କରିଛନ୍ତି । ବିଶ୍ୱାସଭିତ୍ତିକ ଶାସନକୁ ସୁଦୃଢ଼ କରିବା ଏହି ବିଲ୍ର ମୁଖ୍ୟ ଉଦ୍ଦେଶ୍ୟ ରହିଛି ।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ସଂଶୋଧନ ବିଲ୍-୨୦୨୫କୁ ଉପସ୍ଥାପିତ କରିଥିଲେ ।

ଜଳକୁ ପ୍ରଦୂଷଣମୁକ୍ତ କରିବାପାଇଁ ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ଏକ ସଂଶୋଧନ ପ୍ରସ୍ତାବ ମଧ୍ୟ ଆଗତ କରିଥିଲେ ।

***BBSR/R***

## ବିଧାନସଭା - ଥାନା

ରାଜ୍ୟରେ ମୋଟ୍ ୭୦୬ଟି ପୁଲିସ୍ ଥାନା ସରକାରଙ୍କଦ୍ୱାରା ମଞ୍ଜୁର କରାଯାଇଛି । ଏହି ଥାନାଗୁଡ଼ିକରେ ମୋଟ୍ ୩ ହଜାର ପଦବି ଖାଲି ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବିଧାନସଭାରେ ସଦସ୍ୟ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଖାଲି ପଡ଼ିଥିବା ପଦବିଗୁଡ଼ିକୁ ପୂରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି । ୬ଟି ନୂତନ ଥାନା ଓ ୪ଟି ଫାଣ୍ଡିକୁ ଉନ୍ନୀତ ଥାନାରେ ପରିଣତ କରିବାପାଇଁ ତର୍ଜମା କରାଯାଉଛି ବୋଲି ଶ୍ରୀ ମାଝି କହିଛନ୍ତି ।

*BBSR/R*

# ବିଧାନସଭା - ପେନ୍‌ସନ

ରାଜ୍ୟରେ ଗତମାସ ପହିଲା ସୁଦ୍ଧା ୪ ଲକ୍ଷ ୨୩ ହଜାର ୧୭୫ ଜଣଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ ଏବଂ ୭ ହଜାର ୯୯୧ ଜଣଙ୍କୁ ପ୍ରୋଭିଜନାଲ୍ ପେନ୍‌ସନ ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମାଝୀ କହିଛନ୍ତି, ସରକାରୀ କର୍ମଚାରୀମାନେ ଅବସର ଗ୍ରହଣ କରିବା ପରେ ସେମାନଙ୍କୁ ପୂର୍ଣ୍ଣାଙ୍ଗ ପେନ୍‌ସନ୍ ତଥା ସମସ୍ତ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରିବାରେ ବ୍ୟବସ୍ଥା ଓଡ଼ିଶା ପ୍ରଶାସନିକ ସେବା ନିୟମ-୧୯୯୨ରେ ଉଲ୍ଲେଖ ରହିଛି । ଯେଉଁମାନଙ୍କ ବିରୋଧରେ ଅପରାଧିକ ମାମଲା ଏବଂ ବିଭାଗୀୟ ଶୃଙ୍ଖଳାଗତ ମାମଲା ରହିଛି, ସେଗୁଡ଼ିକର ତୁରନ୍ତ ଫଏସଲା ଏବଂ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାପାଇଁ ସମସ୍ତ ବିଭାଗ ଏବଂ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଶ୍ରୀ ମାଝୀ ଗୃହରେ କହିଛନ୍ତି ।

*BBSR/R*

# ବିଧାନସଭା - ମେଡିକାଲ୍ କଲେଜ

ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ମେଡିକାଲ୍ କଲେଜ ସ୍ଥାପନ ନେଇ ସରକାର ନିଷ୍ପତ୍ତି ନେଇଛନ୍ତି । ପର୍ଯ୍ୟାୟକ୍ରମେ ମେଡିକାଲ୍ କଲେଜ

ଖୋଲିବାପାଇଁ ସରକାର ଏକ ଉଚ୍ଚସ୍ତରୀୟ କମିଟି ମୁଖ୍ୟ ଶାସନ ସଚିବଙ୍କ ତତ୍ତ୍ୱାବଧାନରେ ଗଠନ କରିଛନ୍ତି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ କହିଛନ୍ତି । ଗୃହରେ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ମହାଲିଙ୍ଗ କହିଛନ୍ତି, ୨୦୨୫-୨୬ ଶିକ୍ଷାବର୍ଷରେ ରାଜ୍ୟରେ ୬ଟି ମେଡିକାଲ୍ କଲେଜ ଓ ସ୍ନାତକୋତ୍ତର ସଂସ୍ଥାନରେ ୧୨ଟି ବିଭିନ୍ନ ବିଭାଗରେ ୬୨ଟି ପି.ଜି. ସିଟ୍‌ରେ ଶିକ୍ଷା ପ୍ରଦାନ ନିମନ୍ତେ ଅନୁମୋଦନ ମିଳିଛି । ଏହାଦ୍ୱାରା ରାଜ୍ୟରେ ପି.ଜି. ସିଟ୍ ସଂଖ୍ୟା ୬୧୫କୁ ବୃଦ୍ଧି ପାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି ।

***Desk***

## ଲୋକସଭା - ପର୍ଯ୍ୟଟନ

କେନ୍ଦ୍ର ସରକାରଙ୍କ ସ୍ୱଦେଶ ଦର୍ଶନ-୨.୦ ପ୍ରସାଦ ଏବଂ ଅନ୍ୟ ଯୋଜନାରେ ଓଡ଼ିଶାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରାଯାଉଛି ବୋଲି କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍ କହିଛନ୍ତି । ଲୋକସଭାରେ ଆଜି ବରଗଡ଼ ସାଂସଦ ପ୍ରଦୀପ ପୁରୋହିତଙ୍କ ଓଡ଼ିଶା ପର୍ଯ୍ୟଟନ ଭିତ୍ତିଭୂମି ବିକାଶ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ଶ୍ରୀ ଶେଖାୱତ କହିଛନ୍ତି, ୨୦୧୬-୧୭ କୋଷ୍ଟାଲ୍ ସର୍କିଟ୍‌ରେ ଗୋପାଳପୁର, ବରକୁଳ, ସାତପଡ଼ା ଓ ତାମ୍ପଡ଼ାର ବିକାଶପାଇଁ ୭୦ କୋଟି ୪୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ହୀରାକୁଦ ଓ ସାତକୋଶିଆର ବିକାଶପାଇଁ ମୋଟ୍

୧୩୧ କୋଟି ୯୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି । ସେହିଭଳି ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଏବଂ ରାମଚଣ୍ଡୀ-ପ୍ରାଚୀ ନଦୀ ତଟର ବିକାଶପାଇଁ ୫୦ କୋଟି ଟଙ୍କା ମଞ୍ଜୁର କରାଯାଇଛି ।

*IPR*

## କଳିକା - ଉଦ୍‌ଘାଟନ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭୁବନେଶ୍ୱରସ୍ଥିତ ଖାରବେଳ ଭବନରେ ଆଜି ଏକ ଶିଶୁବାଟିକା 'କଳିକା'ର ଉଦ୍‌ଘାଟନ କରିଛନ୍ତି । ଖାରବେଳ ଭବନରେ କାର୍ଯ୍ୟରତ ମା' ଏବଂ କର୍ମଚାରୀମାନଙ୍କ ପିଲାମାନଙ୍କୁ ନିରାପଦ ପୋଷଣ ସହାୟତା ଯୋଗାଇବାପାଇଁ ସରକାରଙ୍କ ପକ୍ଷରୁ ଏହି ଶିଶୁବାଟିକାକୁ ବିକଶିତ କରାଯାଇଛି । 'କଳିକା'ରେ ଶିଶୁମାନଙ୍କ ପାଇଁ ଖେଳ ଓ ଶିକ୍ଷାପ୍ରଦାନର ପରିବେଶ ସୃଷ୍ଟି କରାଯାଇଛି । ମା'ମାନେ ବିନା ଚାପରେ ଯେପରି କାର୍ଯ୍ୟ କରିପାରିବେ, ତାହା ସୁନିଶ୍ଚିତ କରିବା ସହିତ ପିଲାମାନଙ୍କ ବିକାଶରେ 'କଳିକା' ସହାୟକ ହେବ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

*Puri/R*

## ବାଲୁକା କଳା ଉତ୍ସବ

ଅର୍କକ୍ଷେତ୍ର କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚରେ ଆଜିଠାରୁ ପାଞ୍ଚଦିନ ବ୍ୟାପୀ ଭାରତୀୟ ଶାସ୍ତ୍ରୀୟ ନୃତ୍ୟର ମହାକୁମ୍ଭ ୩୬ତମ କୋଣାର୍କ ଉତ୍ସବ ଏବଂ ଚନ୍ଦ୍ରଭାଗା ବେଳାଭୂମିରେ ୧୫ତମ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବ ସନ୍ଧ୍ୟାରେ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲୁକା କଳା ଉତ୍ସବ ଏବଂ ସୁଭଦ୍ରା ଶକ୍ତିମେଳାକୁ ଉଦ୍‌ଘାଟନ କରିଛନ୍ତି । ଚଳିତବର୍ଷ ଜାପାନ, ଋଷିଆ, ସ୍ପେନ, ପର୍ତ୍ତୁଗାଲ, ଶ୍ରୀଲଙ୍କା ଆଦି ଦେଶ ସମେତ ଭାରତର ବିଭିନ୍ନ ରାଜ୍ୟର ୩୦ରୁ ଊର୍ଦ୍ଧ୍ୱ ଷ୍ଟଲରେ ଶତାଧିକ ଶିଳ୍ପୀ ସେମାନଙ୍କର ବାଲୁକା କଳା ପ୍ରଦର୍ଶନ କରୁଛନ୍ତି। ମହୋତ୍ସବ ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ।

***Desk***

## ମୁଖ୍ୟମନ୍ତ୍ରୀ – କ୍ରୀଡ଼ା ପୁରସ୍କାର

କଲମ୍ବୋଠାରେ ଆୟୋଜିତ ପ୍ରଥମ ଦୃଷ୍ଟିବାଧିତ ମହିଳା ଟି-ଟ୍ୱେଣ୍ଟି ବିଶ୍ୱକପ୍ ବିଜୟୀ ଭାରତୀୟ ଦଳରେ ଥିବା ୪ ଜଣ ଓଡ଼ିଆ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସମ୍ବର୍ଦ୍ଧିତ କରିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ବାସଭବନରେ ପ୍ରତ୍ୟେକ ଓଡ଼ିଆ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏଁ

ପୁରସ୍କାର ପ୍ରଦାନ କରିଛନ୍ତି । ଖେଳାଳିମାନଙ୍କର ଦୃଢ଼ ନିଷ୍ଠା ଓ ଉଲ୍ଲେଖନୀୟ ପ୍ରଦର୍ଶନକୁ ପ୍ରଶଂସା କରିବା ସହିତ ସେମାନେ ରାଜ୍ୟପାଇଁ ଗୌରବ ଆଣିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯଙ୍କ ସମେତ କ୍ରୀଡ଼ା ବିଭାଗର ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।

*Desk, Ganjam, Nayagarh, Khurda, Boudh/R*

# ବିଶ୍ୱ ଏଡ୍‌ସ ଦିବସ

ଏଡ୍‌ସ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଉଛି । ଚଳିତବର୍ଷର ବିଷୟ ବସ୍ତୁ ରହିଛି 'ବ୍ୟାଘାତ ଅତିକ୍ରମ କରିବା ସହ ଏଡ୍‌ସ୍‌ର ମୂଳପୋଛ ପାଇଁ ଉଦ୍ୟମ କରିବାକୁ ଆଗେଇ ଆସିବା ।' ଏହି ପରିପ୍ରେକ୍ଷୀରେ ସଚେତନ ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି ।

କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଆଜି ବିଶ୍ୱ ଏଡ୍‌ସ ଦିବସ-୨୦୨୫ ଜାତୀୟସ୍ତରୀୟ କାର୍ଯ୍ୟକ୍ରମ ପାଳନର ନେତୃତ୍ୱ ନେଇଛନ୍ତି ।

ରାଜ୍ୟର ବିଭିନ୍ନ ସ୍ଥାନରେ ଏହି ଦିବସ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଭୁବନେଶ୍ୱରଠାରେ ଆୟୋଜିତ ସଚେତନତା ଶୋଭାଯାତ୍ରାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଶୁଭାରମ୍ଭ

କରି କହିଛନ୍ତି, ଏଡ୍‌ସ ରୋଗର ନିୟନ୍ତ୍ରଣ ପାଇଁ ଅଧିକରୁ ଅଧିକ ଜନସଚେତନତା ସୃଷ୍ଟି କରିବା ସହ ପୀଡ଼ିତ ରୋଗୀଙ୍କ ଆବଶ୍ୟକୀୟ ଚିକିତ୍ସା ସୁନିଶ୍ଚିତ କରିବା ସମସ୍ତଙ୍କ ଦାୟିତ୍ୱ ।

***Voice :........***

ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ୍ ଅନ୍ତର୍ଗତ ଖିଲ୍ଲିଙ୍ଗି ଗ୍ରାମ ହାଇସ୍କୁଲ୍‌ରେ ବିଶ୍ୱ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ ।

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ସଦସ୍ୟମାନଙ୍କୁ ନେଇ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା ।

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳରେ ଏକ ରାଲିର ଆୟୋଜନ କରାଯାଇଥିଲା । ମଣ୍ଡଳ ରେଳ ହସ୍ପିଟାଲ୍‌ର ବହିର୍ବିଭାଗ ପରିସରରେ ଅନୁଷ୍ଠିତ ଏକ ଆଲୋଚନାଚକ୍ରରେ ବରିଷ୍ଠ ଡାକ୍ତରମାନେ ଏଡ୍‌ସ ସମ୍ପର୍କରେ ସଚେତନ କରାଇଥିଲେ ।

ଖୋର୍ଦ୍ଧା ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଏବଂ ଜିଲ୍ଲା ଏଡ୍‌ସ ପ୍ରତିରୋଧ ଓ ନିୟନ୍ତ୍ରଣ କକ୍ଷର ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି । ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ନର୍ସିଂ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।

ବୌଦ୍ଧ ଜିଲ୍ଲା ଏ.ଏନ୍.ଏମ୍. ତାଲିମ କେନ୍ଦ୍ରରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି ।

***Nayagarh, Ganjam, Kendrapara, Gajapati, Rayagada, Sonepur, Khurda/R***

## ଜନଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ନୟାଗଡ଼, ଗଞ୍ଜାମ, କେନ୍ଦ୍ରାପଡ଼ା, ଗଜପତି, ରାୟଗଡ଼ା, ସୁବର୍ଣ୍ଣପୁର ଓ ଖୋର୍ଦ୍ଧା ଜିଲ୍ଲାରେ ଏହି ଶିବିର ଅନୁଷ୍ଠିତ ହୋଇଥିବା ଖବର ଆମର ହସ୍ତଗତ ହୋଇଛି ।

***Sonepur/R***

## ଗୀତା ଜୟନ୍ତୀ

ପବିତ୍ର ଗୀତା ଜୟନ୍ତୀ ଅବସରରେ ଆଜି ସୁବର୍ଣ୍ଣପୁରର ବାନ୍ଧଶିଳ୍ପୀ ପ୍ରଫୁଲ୍ଲ ମେହେରଙ୍କ ସୂକ୍ଷ୍ମ କାରିଗରି ତଥା ଶ୍ରୀମଦ୍ ଭଗବତ୍ ଗୀତାର ୧୮ଟି ଅଧ୍ୟାୟକୁ ନେଇ ପ୍ରସ୍ତୁତ କାନ୍ଥ ଝୁଲଣକୁ ଜିଲ୍ଲାପାଳ ଲୋକାର୍ପିତ କରିଛନ୍ତି । ଓଡ଼ିଆ ଅକ୍ଷରରେ ୧୪ ମିଟର ଲମ୍ବ ଓ ୩୦ ଇଞ୍ଚ ଓସାର ପାଟବସ୍ତ୍ରରେ ଏହି ଝୁଲଣ ପ୍ରସ୍ତୁତ ହୋଇଛି । ସାଢ଼େ ୪ ବର୍ଷ ଧରି ୨୭ ଜଣ ବୟନ ଶିଳ୍ପୀ ଶ୍ରୀ

ମେହେରଙ୍କୁ ଏହି କାର୍ଯ୍ୟରେ ସହଯୋଗ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି । ଏ ସମ୍ପର୍କରେ ଶ୍ରୀ ମେହେର କହିଛନ୍ତି :

***Voice*** :...........

***Sambalpur/R***

# ଖେଳକୁଦ ପ୍ରତିଯୋଗିତା

ସମ୍ବଲପୁର ବୀର ସୁରେନ୍ଦ୍ର ଷ୍ଟାଡିୟମ୍‌ଠାରେ ୬୧ତମ ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତା ଦୁଇଦିନ ଧରି ଚାଲିବ । ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ, କ୍ଲବ୍ ଓ ମହାବିଦ୍ୟାଳୟର ୯୫୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ପ୍ରତିଯୋଗିତାର ସଫଳ କ୍ରୀଡ଼ାବିତ୍‌ମାନେ ଆସନ୍ତା ୨୬ ତାରିଖରେ କଟକର ବାରବାଟୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ରାଜ୍ୟସ୍ତରୀୟ ଖେଳକୁଦରେ ଅଂଶଗ୍ରହଣ କରିବେ ।

******